# NATIONAL NEWS BULLETIN (ODIA)

## 18 June - 2024

## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ପି.ଏମ୍. କିଶାନ୍ ସମ୍ମାନନିଧି ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଆଜି ୧୭ତମ କିସ୍ତି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ରେନ୍ଦ୍ର ମୋଦୀ ।
- ମଣିପୁରବାସୀଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।
- ଓଡ଼ିଶା ବିଧାନସଭାର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆଜିଠାରୁ ଆରମ୍ଭ ।
- ହ୍ୱାଇଟ୍‌ହାଉସ୍ କହିଛି, ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତାଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ କରିବ ଅଧିକ ସୁଦୃଢ଼ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗୀତାରେ ୱେଷ୍ଟଇଣ୍ଡିଜ୍ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ମୁକାବିଲା ଜାରି ।

# ପିଏମ୍-କିଶାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ବାରଣାସୀ ଗସ୍ତରେ ଯିବେ । ସେଠାରେ ସେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନା ଅଧୀନରେ ହିତାଧିକାରୀଙ୍କୁ ୧୭ତମ କିସ୍ତି ପ୍ରଦାନ କରିବେ । ୯ କୋଟି ୨୬ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୨୦ ହଜାର କୋଟି ଟଙ୍କାରୁ ଅଧିକ ଟଙ୍କା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ପ୍ରକ୍ରିୟାରେ ପ୍ରଦାନ କରାଯିବ ।  ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୩୦ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ କୃଷି ସଖୀ ସାର୍ଟିଫିକେଟ୍ ପ୍ରଦାନ କରିବେ ।

କୃଷକମାନଙ୍କୁ ଚାଷ କାର୍ଯ୍ୟରେ ଆର୍ଥିକ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୯ ମସିହା ଫେବୃଆରୀ ୨୪ ତାରିଖରେ ପିଏମ୍ କିଶାନ ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହି ଯୋଜନା ଅଧୀନରେ ପ୍ରତ୍ୟେକ ୪ ମାସରେ ଥରେ ୨ ହଜାର ଟଙ୍କା ଲେଖାଏଁ ବର୍ଷକୁ ମୋଟ୍ ୬ ହଜାର ଟଙ୍କା ପ୍ରତ୍ୟେକ ହିତାଧିକାରୀଙ୍କୁ  ଡିବିଟି ମାଧ୍ୟମରେ ପ୍ରଦାନ କରାଯାଏ । ବର୍ତ୍ତମାନ ସୁଦ୍ଧା ୧୧ କୋଟିରୁ ଅଧିକ ଯୋଗ୍ୟ କୃଷକ ପରିବାର ଏହି ଯୋଜନା ଅଧୀନରେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଲାଭ ପାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ନେଇ ବାରାଣାସୀ ପ୍ରସ୍ତୁତ

ହୋଇଛି । ଏହି ଲୋକସଭା ଆସନରୁ ତୃତୀୟଥର ପାଇଁ ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀଙ୍କର ଏହା ସେଠାକୁ ପ୍ରଥମ ଗସ୍ତ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦଶଶ୍ୱାମେଧ ଘାଟ ଠାରେ ଗଙ୍ଗା ଆରତୀ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ କାଶୀ ବିଶ୍ୱନାଥ ମନ୍ଦିରକୁ ଯାଇ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ରାତ୍ରିଯାପନ ପରେ ଆସନ୍ତାକାଲି ସକାଳେ ପ୍ରଧାନମନ୍ତ୍ରୀ ବିହାର ଗସ୍ତରେ ଯିବେ ।

ଏହି ଅବସରରେ ଆଜି ଓଡ଼ିଶାର ବିଭିନ୍ନ ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକରେ ପିଏମ୍-କିଶାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମ ଆୟୋଜନ ହେବ। ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ପରିଷଦର ସଦସ୍ୟଗଣ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## ଅମିତ ଶାହା–ମଣିପୁର

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, କେନ୍ଦ୍ର ସରକାର ମଣିପୁର ଲୋକଙ୍କର ସୁରକ୍ଷା ପାଇଁ ସମସ୍ତ ପ୍ରକାର ଆନୁସଙ୍ଗୀକ ପଦକ୍ଷେପ ଗ୍ରହଣ କରୁଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଏକ ଉଚ୍ଚସ୍ତରୀୟ ବୈଠକରେ ମଣିପୁରର ସୁରକ୍ଷାସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ସେ

କହିଛନ୍ତି, ଆବଶ୍ୟକ ସ୍ଥଳେ ସେଠାରେ ଅଧିକ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ । ଆଇନ୍‌ଶୃଙ୍ଖଳା ଭଙ୍ଗକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ମଣିପୁରରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ଲାଗି କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ ବୋଲି ଶ୍ରୀ ଶାହା ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ମୈତୀ ଏବଂ କୁକି ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ମନ୍ତ୍ରୀ ଶ୍ରୀ ଶାହା ସେଠାରେ କାର୍ଯ୍ୟକାରୀ ହେଉଥିବା ରିଲିଫ୍ କ୍ୟାମ୍ପ ତଥା ଲୋକଙ୍କର ମୌଳିକ ଆବଶ୍ୟକତା ପୂରଣ ନେଇ ନିଆଯାଉଥିବା ପଦକ୍ଷେପ ଉପରେ ମଧ୍ୟ ସମୀକ୍ଷା କରିଛନ୍ତି । ହିଂସାକାଣ୍ଡ ସମୟରେ ବିସ୍ଥାପିତ ହୋଇଥିବା ଲୋକଙ୍କ ଥଇଥାନ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ମଣିପୁର ମୁଖ୍ୟ ଶାସନ ସଚିବଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା, ଗୁଇନ୍ଦା ମୁଖ୍ୟ ତପନ ଡେକ୍କା, ସେନାବାହିନୀ ଅଧ୍ୟକ୍ଷ ମନୋଜ ପାଣ୍ଡେ, ମନୋନୀତ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ମଣିପୁରର ପୁଲିସର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

# ରେଳ-ଦୁର୍ଘଟଣା

ପଶ୍ଚିମବଙ୍ଗର ରଙ୍ଗପାନୀ ରେଳ ଜଙ୍କସନ୍ ନିକଟରେ ହୋଇଥିବା ରେଳ ଦୁର୍ଘଟଣାରେ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ସିଆଲଦା ଷ୍ଟେସନ୍ ଠାରେ ଏକ ଅସ୍ଥାୟୀ କ୍ୟାମ୍ପ୍ ପ୍ରତିଷ୍ଠା କରାଯାଇଛି । ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ବସ୍ ମାଧ୍ୟମରେ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହେବା ସହ ୬୦ରୁ ଅଧିକ ଆହତ ହୋଇଛନ୍ତି ।

ଏହି ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପିଏମ୍ ରିଲିଫ୍ ପାଣ୍ଠି'ରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଥିଲେ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ଅପରାହ୍ଣରେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ । ମୃତକଙ୍କ ପରିବାରବର୍ଗଙ୍କ ଲାଗି ୧୦ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କ ପାଇଁ ଅଢ଼େଇ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଉତ୍ତର ବଙ୍ଗଳା ମେଡିକାଲ କଲେଜ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ଆହତଙ୍କ ସାକ୍ଷାତ କରି ପରିସ୍ଥିତିର ସମୀକ୍ଷା କରିଥିଲେ । ଏହି

ଦୁର୍ଘଟଣା ଯୋଗୁଁ କେତେକ ଦୂରଗାମୀ ଟ୍ରେନ୍‌ର ଚଳାଚଳକୁ ସାମୟିକ ଭାବେ ବାତିଲ କରାଯାଇଛି ।

## ବିଧାନସଭା ଅଧିବେଶନ

ସପ୍ତଦଶ ଓଡ଼ିଶା ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆଜିଠାରୁ ଆରମ୍ଭ ହେବ । ଆଜି ଓ ଆସନ୍ତାକାଲି ନବନିର୍ବାଚିତ ସଦସ୍ୟଙ୍କୁ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶପଥପାଠ କରାଇବେ । ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶପଥଗ୍ରହଣ ଅନୁଷ୍ଠିତ ହେବ । ବାଚସ୍ପତି ପଦବୀ ପାଇଁ ଆସନ୍ତାକାଲି ପ୍ରକ୍ରିୟା ଆରମ୍ଭ ହେବ । ମଧ୍ୟାହ୍ନ ୧୨ଟା ସୁଦ୍ଧା ନାମାଙ୍କନପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି । ଆବଶ୍ୟକ ସ୍ଥଳେ ୨୦ ତାରିଖରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ ।

## ଆମେରିକା-ଭାରତ

ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତା ଜେକ୍ ସୁଲିଭାନ୍‌ଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ ଏବଂ ସମୃଦ୍ଧ କରିବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ ହ୍ୱାଇଟ୍ ହାଉସ୍‌ର ଜାତୀୟ ସୁରକ୍ଷା ଯୋଗାଯୋଗ

ପରାମର୍ଶଦାତା ଜନ୍ କିର୍ବି କହିଛନ୍ତି, ଭାରତ ଏବଂ ଆମେରିକାର ସମ୍ପର୍କ ବହୁ ପୁରୁଣା ଏବଂ ଏହି ଦୁଇ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ନିବିଡ଼ ବନ୍ଧୁତ୍ୱ ରହିଛି । ଦୁଇ ଦେଶ ମଧ୍ୟରେ ସହଯୋଗ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ ଶ୍ରୀ ସୁଲିଭାନ୍ ଭାରତ ଗସ୍ତରେ ଅଛନ୍ତି ବୋଲି ସେ କହିଛନ୍ତି ।

ଶ୍ରୀ ସୁଲିଭାନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିଥିଲେ ।

## ନେଟ୍ ପରୀକ୍ଷା

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ପକ୍ଷରୁ ଆଜି ଜାତୀୟ ଯୋଗ୍ୟତା ପରୀକ୍ଷା-ନେଟ୍ ଅନୁଷ୍ଠିତ ହେଉଛି । ରାଷ୍ଟ୍ରୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ଦ୍ୱାରା ଆୟୋଜିତ ନେଟ୍ ପରୀକ୍ଷା ୨ଟି ସିଟିଙ୍ଗ୍‌ରେ ହେବ । ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନଙ୍କୁ ପରିଚୟପତ୍ର ଓ ଦୁଇଟି ପାସ୍‌ପୋର୍ଟ ଫଟୋ ସାଙ୍ଗରେ ନେବାକୁ ୟୁଜିସି ପକ୍ଷରୁ ସୂଚନା ଦିଆଯାଇଛି ।

## ଚଳଚ୍ଚିତ୍ର ମହୋତ୍ସବ

ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବରେ ଆଜି ଚତୁର୍ଥ ଦିନରେ କେତୋଟି ଚଳଚ୍ଚିତ୍ର ପ୍ରଦର୍ଶନ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଷ୍ଟୋରି ଅଫ୍ ଏ ପେଟିଂ ଆଲିଆନ୍ ଏ ଡକ୍ୟୁମେଣ୍ଟାରୀ ଏବାଉଟ୍

ଲିଗାଲ୍  ହାଇ ସ୍କିଲ୍ଡ ଇମିଗ୍ରାଣ୍ଟ, ଦ ଲାଷ୍ଟ ସିପ୍ଟ, ଆକାଶ ଗଙ୍ଗା, ଟେଲ୍ସ ଅପ୍ ଓବ୍ଲିଭିଏନ୍ ଚଳଚ୍ଚିତ୍ର ଗୁଡ଼ିକ ଆଜି ପ୍ରଦର୍ଶିତ ହେବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ଆଲୋଚନାଚକ୍ରରେ  ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱ ମଞ୍ଜୁଲ ସରାଫ ଏବଂ କେତନ ମେହେଟ୍ଟା ଅଂଶଗ୍ରହଣ କରିବେ । ସିନେମା ଅଟୋଗ୍ରାଫର୍ ଆଲ୍‌ଫୋନ୍ସ ରାୟଙ୍କ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ଏକ୍ସପ୍ଲୋରିଂ ଦ ୱାଇଲଡରନେସ୍ ଇଣ୍ଡିଆନ୍ ୱାଲ୍ଡ ଲାଇଫ୍ ଡକ୍ୟୁମେଣ୍ଟାରି ଆଣ୍ଡ କଞ୍ଜରଭେସନ୍ ଏ ଫଟ୍ସ' ମଧ୍ୟ ଆଜି ପ୍ରର୍ଦନ ହେବ । ଏହି ୬ ଦିନିଆ ମହୋତ୍ସବ ଆସନ୍ତା ୨୧ ତାରିଖରେ ଶେଷ ହେଉଛି ।

# କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱୋଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସେଣ୍ଟ୍ ଲୁସିଆର ଡାରେନ୍ ସାମି ନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ୱେଷ୍ଟଇଣ୍ଡିଜ୍ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଆଫ୍‌ଗାନିସ୍ତାନ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବ୍ୟାଟିଂ ଆରମ୍ଭ କରି ୱେଷ୍ଟଇଣ୍ଡିଜ୍ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୧୪ ଓଭରରେ ୩ ୱିକେଟ୍ ବିନିମୟରେ ୧୪୫ ରନ୍ ସଂଗ୍ରହ କରିଛି ।

ଗତକାଲିର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପପୁଆ ନ୍ୟୁ ଗିନିକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ତ୍ରିନିଦାଦର ବ୍ରାନ୍ ଲାରା ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ

ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପପୁଆ ନ୍ୟୁ ଗିନିକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ୧୯ ଓଭର ୪ଟି ବଲ୍‌ରେ ପପୁଆ ନ୍ୟୁ ଗିନି ସମସ୍ତ ୱିକେଟ୍ ହରାଇ ୭୮ରନ୍ ସଂଗ୍ରହ କରିଥିଲା । ନ୍ୟୁଜିଲାଣ୍ଡର ଫରଗୁସନ୍ ୪ ଓଭର ବୋଲିଂ କରି କୌଣସି ରନ୍ ନ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ୭୯ରନ୍‌ର ବିଜୟଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୧୨ ଓଭର ଏବଂ ୨ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା । ଫରଗୁସନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

## ପାଣିପାଗ

ଦେଶର ଉତ୍ତରାଞ୍ଚଳରେ ଆଜି ମଧ୍ୟ ଗ୍ରୀଷ୍ମ ପ୍ରକୋପ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଉତ୍ତରପ୍ରଦେଶ, ପଞ୍ଜାବ, ହରିଆନା, ଚଣ୍ଡିଗଡ଼, ଦିଲ୍ଲୀ, ହିମାଚଳପ୍ରଦେଶ, ବିହାର, ଉତ୍ତରାଖଣ୍ଡ ଏବଂ ଝାଡ଼ଖଣ୍ଡରେ ପ୍ରବଳ ଗରମ ଅନୁଭୂତ ହେବ । ସେହିଭଳି ଜାମ୍ମୁ କାଶ୍ମୀର, ଉତ୍ତର ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳ, ରାଜସ୍ଥାନ, ବିଦର୍ଭ ଏବଂ ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ରରେ ମଧ୍ୟ ଗରମ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି ।

ଅନ୍ୟ ପକ୍ଷରେ ଦକ୍ଷିଣ ପଶ୍ଚିମ ମୌସୁମୀ ଗତି କରିବା ପାଇଁ ପରିସ୍ଥିତି ଅନୁକୂଳ ରହିଛି ବୋଲି ବିଭାଗ କହିଛି । ମହାରାଷ୍ଟ୍ର, ଛତିଶଗଡ଼, ଓଡ଼ିଶା,

ଆନ୍ଧ୍ର ଉପକୂଳ, ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ରର କିଛି ଅଞ୍ଚଳ ଏବଂ ବିହାରର କେତେକ ଅଞ୍ଚଳକୁ ଆସନ୍ତା ୪ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ପହଞ୍ଚି ବୋଲି ବିଭାଗ କହିଛି ।